# ପିଲାଙ୍କ ଧରିତ୍ରୀ

ଶନିବାର, ୨ ଫେବୃୟାରୀ, ୨୦୧୯




କବିତା


୬



୩

ଆସ ଜାଣିବା





୭

ଜଣା -ଅଜଣା

୮

ଆଇନା







## ଖିଲି ଖିଲି ହସ

ଜଣେ ବୁଢ଼ା ଲୋକ ଭୋଟ ଦେଇ ବାହାରକୁ ଆସି ଏଜେଣ୍ଟଙ୍କୁ ପଚାରିଲେ ମାଉସୀ ଭୋଟ ଦେବାକୁ ଆସିଥିଲା କି ?
ଏଜେଣ୍ଟ: ଲିଷ୍ଟ ଚେକ୍ କରି କହିଲା–ହଁ ମଉସା ,ମାଉସୀ ଆସି ଭୋଟ ଦେଇ ପଳେଇଲେଣି ।
ମଉସା ମନଦୁଃଖରେ (ମନେ ମନେ କହିଲେ )ଆଉ ଟିକେ ଆଗରୁ ଆସିଥିଲେ ଭେଟ ହୋଇଥାନ୍ତା ।
ଏଜେଣ୍ଟ: କ'ଣ ମଉସା ଆପଣ ଦୁଇଜଣ ଏକାଠି ରହୁନାହାଁନ୍ତି କି ?
ମଉସା: ଆରେ ପୁଅ, ମାଉସୀ ମରିବାଟା ୧୦ବର୍ଷ ହୋଇଗଲାଣି ।

ପପୁ ଗୋଟେ ଜୁସ୍ ଦେକାନ୍‌କୁ ଯାଇ କହିଲା–ଭାଇନା ଆଜି ଏମିତି ଜୁସ୍ ଦିଅ ଯାହାକୁ ପିଇ ମନ ପ୍ରାଣ ନାଚି ଉଠିବ ।
ଦୋକାନୀ: ବାବୁ, ଏଠି ଆମେ ଗାଈକ୍ଷୀରରୁ ପ୍ରସ୍ତୁତ ମିଲ୍କ ସେକ୍ କରି ଦେଉଛୁ , ନାଗସାପର ନୁହେଁ ।

ଡାକ୍ତର ରୋଗୀର ହାର୍ଟ ଅପରେଶନ୍ କରିବା ପରେ..
ରୋଗୀ: ସାର୍, ଏବେ ମୋ ହାର୍ଟ ଠିକ୍‌ଠାକ୍ ଚାଲିବ ତ ?
ଡାକ୍ତର: ହଁ, ତମର ଚିନ୍ତା କରିବାର ନାହିଁ, ଯେ ପର୍ଯ୍ୟନ୍ତ ତୁମେ ବଞ୍ଚିଛ ସେ ପର୍ଯ୍ୟନ୍ତ ତୁମ ହାର୍ଟ ଠିକ୍ ଚାଲିବ ।

## ବିନ୍ଦୁ ଯୋଡ଼



## ମତାମତ

❖ସାଧାରଣତନ୍ତ୍ର ଦିବସ ଅବସରରେ ତୁମ ତୁଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗୁଥିଲା ।
– ମୋନାଲିସା ସ୍ୱାଇଁ, ଗୋପାଳପୁର, ଖୋର୍ଦ୍ଧା

❖ଜାନୁୟାରୀ ୨୬ ଉପଲକ୍ଷେ ପ୍ରକାଶିତ କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା । କୁନି କୁନି ପିଲାଙ୍କ ଦ୍ୱାରା ଚିତ୍ରିତ ତୁମ ତୁଳୀରୁ ପୃଷ୍ଠାଟି ଭଲ ହୋଇଥିଲା ।
– ପ୍ରଭାତ ମହାପାତ୍ର, ଶ୍ୟାମରାୟପୁର, ଭଦ୍ରକ

❖ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ଖୁବ୍ ସୁନ୍ଦର ଲାଗୁଥିଲା । ପୃଷ୍ଠାଟି ସମ୍ପୂର୍ଣ୍ଣ ସାଧାରଣତନ୍ତ୍ର ଦିବସ ସମ୍ପର୍କିତ ହୋଇଥିବାରୁ ଆକର୍ଷଣୀୟ ଥିଲା ।
– ସସ୍ମିତା ରାୟ, ମୁକୁନ୍ଦପୁର, ବାଙ୍କୀ

❖ପୃଷ୍ଠା ୩ରେ ପ୍ରକାଶ ପାଇଥିବା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୁନି କୁନି ପିଲାଙ୍କ ମତ ପାଠ କଲି । ଦେଶ ପାଇଁ ଜୀବନ ଦେଇଥିବା ମହାନ୍ ନେତାଙ୍କ ପ୍ରତି ସେମାନଙ୍କର ଢେର ସମ୍ମାନ ଥିବା ଜାଣିବାକୁ ପାଇଲି ।
– ଅନ୍ୱେଷା ସାହୁ, ତୁବୁରୀ, ଯାଜପୁର

## ଗପ

# ଗଜରାଜ ଓ ମାହୁନ୍ତ

ମାହୁନ୍ତଙ୍କ ସହ ଜଙ୍ଗଲରେ ବୁଲୁଥିବା ସମୟରେ ଗଜରାଜଙ୍କୁ ପ୍ରବଳ ଶୋଷ ହେଲା । ମାହୁନ୍ତ ନଦୀ ଆଡ଼କୁ ଯିବା ପାଇଁ ଗଜରାଜଙ୍କୁ କହିଲେ । ଗଜରାଜ କୂଳରେ ରହି ପାଣି ପିଉଥିବା ସମୟରେ ନଦୀରେ ଥିବା ଏକ ବଡ଼ କୁମ୍ଭୀର ଆସି ତାଙ୍କ ଗୋଡ଼କୁ କାମୁଡ଼ି ଧରିଲା । ଗଜରାଜ ଗୋଡ଼କୁ ଯେତେ ଛାଟୁଛନ୍ତି ସେ କୁମ୍ଭୀର ଛାଡ଼ିବାର ନାଁ ନେଉ ନ ଥାଏ । ଏଣେ ଗଜରାଜଙ୍କୁ ଖୁବ୍ କଷ୍ଟ ହେଉଥାଏ । ବିକଳରେ ରଡ଼ି ଛାଡ଼ିବାକୁ ଲାଗିଲେ । ଗଜରାଜଙ୍କ ରଡ଼ି ଶୁଣି ମାହୁନ୍ତ ଆସି କୂଳରେ ପହଞ୍ଚିଲା । କିନ୍ତୁ ମାହୁନ୍ତ ଜମାରୁ ଗଜରାଜଙ୍କ ପାଖକୁ ଯାଉ ନ ଥାନ୍ତି । ଗଜରାଜ ଭଗବାନଙ୍କୁ ପ୍ରାର୍ଥନା କଲେ ଉଦ୍ଧାର କରିବା ପାଇଁ । ଏଥର କିନ୍ତୁ ଭଗବାନ ଅ । ଉ ଆସିଲେ ନାହିଁ । ସେପଟେ ମାହୁନ୍ତ ଠାରୁଥାନ୍ତି 'ଗଜରାଜ ଉପରକୁ ଉଠିଆସ ।' ବାକି ତିନି ଗୋଡ଼ର ସହାୟତାରେ ଗଜରାଜ ହୁଂକାର ମାରି ଉପରକୁ ଉଠିଆସିଲେ । ଗୋଡ଼କୁ କାମୁଡ଼ି ଧରିଥିବା କୁମ୍ଭୀରଟି ବି ଉପରକୁ ଚାଲି ଆସିଲା । ସଙ୍ଗେ ସଙ୍ଗେ କ'ଣ ଗୋଟିଏ ଆସି କୁମ୍ଭୀର ପେଟରେ ପଶିଗଲା । ଗଜରାଜ ଦେଖିଲା ବେଳକୁ ମାହୁନ୍ତଙ୍କ ପାଖରେ ଥିବା ତେଣ୍ଟାଟିକୁ କୁମ୍ଭୀର ପେଟରେ ଭୁସି ଦେଇଛନ୍ତି ମାହୁନ୍ତ । କୁମ୍ଭୀର ଗଜରାଜଙ୍କ ଗୋଡ଼କୁ ତତ୍କ୍ଷଣାତ୍ ଛାଡ଼ିଦେଲା । ତା'ପରେ ମାହୁନ୍ତ ଗଜରାଜଙ୍କୁ ନେଇ ଚିକିତ୍ସା କରାଇଲେ । କିଛିଦିନର ଚିକିତ୍ସା ପରେ ଗଜରାଜଙ୍କ ଗୋଡ଼ ଠିକ୍ ହୋଇଗଲା ।

ଥରେ ଗଜରାଜ ମାହୁନ୍ତଙ୍କୁ ପଚାରିଲେ ଯେ, ନଦୀକୂଳରେ ମୁଁ ଅସୁବିଧାରେ ପଡ଼ିଥିବା ସମୟରେ ଆପଣ କାହିଁକି ମୋ ପାଖକୁ ଆସୁ ନ ଥିଲେ ? ମାହୁନ୍ତ ଜଣକ କହିଲେ ବିପଦକୁ ଆକଳନ ନ କରି କୌଣସି ସ୍ଥାନକୁ ଚାଲିଗଲେ ନିଜେ ବିପଦରେ ପଡ଼ିବାର ଆଶଙ୍କା ଥାଏ । ତୁମକୁ ଉଦ୍ଧାର କରିବାକୁ ଚାହୁଁଥିଲି କିନ୍ତୁ ମୁଁ ତୁମ ପାଖକୁ ଯାଇଥିଲେ କୁମ୍ଭୀରଟି ଯଦି ମୋତେ କାମୁଡ଼ି ଧରିଥାନ୍ତା ତା' ହେଲେ ସେ ମୋତେ ପାଣି ଭିତରକୁ ଟାଣି ନେଇଯାଇଥାନ୍ତା । ଏଥିରେ ମୋର ମୃତ୍ୟୁ ନିଶ୍ଚିତ ହୋଇଥାନ୍ତା । ଗଜରାଜ ବୁଝିପାରିଲେ ଯେ, ସେଥିପାଇଁ ସେ ଉପରେ ରହି ମୋତେ ଉପାୟ ବତାଉଥିଲେ । ପୁଣି ଗଜରାଜ କହିଲେ, ଆଚ୍ଛା ଏଥର କାହିଁକି ଭଗବାନ ମୋତେ ଉଦ୍ଧାର କରିବାକୁ ଆସିଲେ ନାହିଁ । ମାହୁନ୍ତ ଜଣଙ୍କ କହିଲେ ଶୁଣ ଭଗବାନ ଆମକୁ ଅନେକ ସୁବିଧା ଓ ସାଧନ ପ୍ରଦାନ କରିଛନ୍ତି । ତାକୁ ବ୍ୟବହାର କରି ଆମେ ନିଜକୁ ବଞ୍ଚାଇପାରିବା । ତୁମ ସହିତ ମୁଁ ଥିଲି, ଆମ ପାଖରେ ବୁଦ୍ଧି ଥିଲା, କୁମ୍ଭୀରକୁ ମାରିବା ପାଇଁ ତେଣ୍ଟା ଥିଲା ବୋଲି ମାହୁନ୍ତ କହିଲେ । ଏ ସବୁକୁ ବ୍ୟବହାର କରିସାରିବା ପରେ ଯେତେବେଳେ ଆମେ ବିଫଳ ବା ହତାଶ ହୋଇଯିବା ଆଉ କୌଣସି ଉପାୟ ନ ଥିବ ନିଜକୁ ବଞ୍ଚାଇବା ପାଇଁ, ସେତେବେଳେ ଏକାଗ୍ରଚିତ୍ତରେ ଭକ୍ତିର ସହ ଭଗବାନଙ୍କୁ ପ୍ରାର୍ଥନା କଲେ ସେ ନିଶ୍ଚୟ ଉଦ୍ଧାର କରିବେ । ଏ କଥା ହାତୀ ମନକୁ ବେଶ୍ ପାଇଲା । ଖୁସି ହୋଇ ମାହୁନ୍ତଙ୍କ ସହିତ ଚାଲିଲା ଜଙ୍ଗଲରେ ବୁଲିବାକୁ ।



**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

ଭୂଗୋଳ କଥା

# ମହାଦେଶଗୁଡ଼ିକର ମହାଭ୍ରମଣ

ପ୍ରଶାନ୍ତ କୁମାର ମିଶ୍ର




ଚିନୁର ବଦମାସି କହିଲେ ନ ସରେ। କେତେବେଳେ କୁକୁରକୁ ଟେକା ମାରିଲାଣି ତ କେତେବେଳେ ନଦୀରେ ପହଁରିଲାଣି। ବହି ଖୋଲି ପଢ଼ିବା ପାଇଁ କୁହ ତ ଚିନୁର ହଜାରେ ବାହାନା।

ଦିନେ ଶନିବାରିଆ, ସକାଳୁଆ ସ୍କୁଲ ଛୁଟି ପରେ କଣ୍ଟାକୋଳି ଖାଇବା ନିଶାରେ ଘରପାଖ ଜଙ୍ଗଲରେ ହାଜର। ଏଣେ ଘରେ ମା'ବାପାଙ୍କଠାରୁ ଆରମ୍ଭ କରି କାକା , ଖୁଡ଼ୀ ସଭିଏଁ ଚିନୁର ଘରକୁ ନ ଫେରିବା ନେଇ ପାଟିତୁଣ୍ଡ ଆଉ ପ୍ରବଳ ଅସନ୍ତୋଷ। ଏପରି ଏକ ଘଡ଼ିସନ୍ଧି ବେଳାରେ, କୋଳି ଖାଇସାରି ହଲି ହଲି ଚିନୁ ଘରେ ହାଜର। ଲାଲ୍ ପଡ଼ିଥିବା ଚିନୁର ମୁହଁ ଦେଖି, ପାଟିଗୋଳ ହୋଇଥିବାରୁ ଉତ୍ତ୍ୟକ୍ତ କାକା ଚିନୁକୁ ଏକ ଶକ୍ତ ଚାପୁଡ଼ା ଦେଲେ ଏବଂ କହିଲେ ମହାଦେଶଗୁଡିକ ପରି ତୁ ଏଣେତେଣେ ବୁଲୁଛୁ କ'ଣ ?

ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ଚିନୁ କହିଲା– ମହାଦେଶଗୁଡିକ ତ ସ୍ଥିର, ଆଉ ସେମାନଙ୍କ ପରି ମୁଁ କ'ଣ ବୁଲୁଛି ଯେ ?

କାକା କୋଳେଇ ନେଉନେଉ ଉତ୍ତର ଦେଲେ– ମହାଦେଶଗୁଡିକ ସ୍ଥିର, ନିଶ୍ଚଳ ହେଲେ ମଧ ଯାଯାବର ପରି ଏଣେତେଣେ ଭ୍ରମଣ କରନ୍ତି, ଯାହାକୁ ଭୂବୈଜ୍ଞାନିକମାନେ ମହାଦେଶଗୁଡିକର ମହାଭ୍ରମଣ ବା ମହାଦେଶଗୁଡିକର ପରିସରଣ କହିଥାନ୍ତି। ଇଂରାଜୀରେ ଏହାକୁ କଣ୍ଟିନେଣ୍ଟାଲ ଡ୍ରିଫ୍ଟ କୁହାଯାଏ। ମହାଦେଶଗୁଡିକର ଭ୍ରମଣ ଯଦିଓ ଏକ ପରୀ କାହାଣୀ ପରି ଅବାସ୍ତବ ମନେ ହୁଏ, କିନ୍ତୁ ବାସ୍ତବରେ ଏହା ଭୂବୈଜ୍ଞାନିକମାନଙ୍କ ପାଇଁ, ଭୂତତ୍ତ୍ୱ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ।

ପୃଥିବୀର ଉତ୍ପତ୍ତି, ପୃଥିବୀ ପୃଷ୍ଠରେ ବଦଳୁଥିବା ବାୟୁମଣ୍ଡଳର ସମାହାର, ଜୀବଜନ୍ତୁଙ୍କର ସୃଷ୍ଟି ତଥା କ୍ରମବିବର୍ତ୍ତନ ଆଦି ଘଟଣାବଳୀର ତଥ୍ୟ ଓ ପ୍ରମାଣକୁ ନେଇ ଭୂବୈଜ୍ଞାନିକମାନେ ଭୂତାତ୍ତ୍ୱିକ ସମୟ ସାରଣୀକୁ ବିଭିନ୍ନ ମହାଯୁଗରେ ନାମିତ କରିଛନ୍ତି। ତେବେ ଅଜୈବିକ ମହାଯୁଗଠାରୁ ଅଙ୍ଗାରୀୟ ଯୁଗ ପର୍ଯ୍ୟନ୍ତ ସମସ୍ତ ମହାଦେଶ ମିଶି ପାଞ୍ଜିଆ ନାମକ ଏକ ବିଶାଳ ଭୂଖଣ୍ଡ ଗଠନ କରିଥିଲେ । ଆଉ ଉକ୍ତ ପାଞ୍ଜିଆ ନାମକ ବିଶାଳ ମହାଦେଶକୁ ଘେରି ରହିଥିଲା ପାନ୍ଥାଲାସା ନାମକ ଏକ ବିଶାଳ ମହାସାଗର। ପ୍ରାୟ ୨୦–୨୫ କୋଟି ବର୍ଷ ପୂର୍ବେ ଟେଥିସ୍ ନାମକ ମହାସାଗର ମାଡି ଆସିବାରୁ, ପାଞ୍ଜିଆ ବିଖଣ୍ଡିତ ହୋଇ ଗଣ୍ଡୱାନା ଏବଂ ଇଉରେସିଆ ନାମକ ଦୁଇ ମହାଭୂଖଣ୍ଡରେ ପରିଣତ ହେଲା।

ବର୍ତ୍ତମାନ ପୃଥିବୀର ଦକ୍ଷିଣ ଭାଗରେ ଥିବା ଦେଶଗୁଡିକ ଯଥା: ଦକ୍ଷିଣ ଆମେରିକା, ଆଫ୍ରିକା, ଅଷ୍ଟ୍ରେଲିଆ, ମାଡାଗାସ୍କର, ଆଣ୍ଟାର୍କଟିକା ଆଦି ଦେଶ ମିଳିତ ଭାବେ ଗଣ୍ଡୱାନା ମହାଭୂଖଣ୍ଡର ଅଂଶ ବିଶେଷ ଥିଲେ ଏବଂ ସେହିପରି ଉତ୍ତର ଗୋଲାର୍ଦ୍ଧର ଦେଶ ସମୂହ ଯଥା ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ସ୍କାଣ୍ଡିନେଭିଆ, ୟୁରୋପ୍ ଏବଂ ଏସିଆ ମିଶି ଇଉରେସିଆ ମହାଭୂଖଣ୍ଡ ଗଠନ କରୁଥିଲେ।

ଚିନୁ ଏତିକି ଶୁଣି ସାରିବା ପରେ ପ୍ରଶ୍ନ କଲା, ଭାରତ ଉତ୍ତର ଗୋଲାର୍ଦ୍ଧରେ ଥିବା ହେତୁ କ'ଣ ଅନ୍ୟ ଦେଶଗୁଡିକ ପରି ଇଉରେସିଆ ମହାଭୂଖଣ୍ଡରେ ମିଶି କରି ଥିଲା ?

କାକା ଉତ୍ତର ଦେଲେ– ଯଦିଓ ଆମ ଭାରତ ଏବେ ଉତ୍ତର ଗୋଲାର୍ଦ୍ଧ ଏସିଆ ମହାଦେଶର ଅଂଶବିଶେଷ, ମାତ୍ର ଭାରତ ଇଉରେସିଆର ଅନ୍ତର୍ଭୁକ୍ତ ନ ଥିଲା। ଅନ୍ୟ ଦକ୍ଷିଣ ଭାଗରେ ଥିବା ଦେଶ ସମୂହ ପରି ଭାରତ ମଧ ଗଣ୍ଡୱାନା ମହାଭୂଖଣ୍ଡ ସାଥେ ମିଶି କରିଥିଲା। ସମୟାନୁକ୍ରମେ, ଭାରତ ତଥା ଅନ୍ୟ ମହାଦେଶଗୁଡ଼ିକ ଖଣ୍ଡବିଖଣ୍ଡିତ ହୋଇ ପାର୍ଶ୍ୱିକ ଗତି କରି ବର୍ତ୍ତମାନ ସ୍ଥିତିକୁ ଆସିଛନ୍ତି। ଭାରତ ଦକ୍ଷିଣ ମହାଦେଶରୁ ଅପସାରିତ ହୋଇ ଉତ୍ତର ଗୋଲାର୍ଦ୍ଧରେ ଏସିଆ ମହାଦେଶ ସହ ଧକ୍କା ଖାଇବାରୁ ଭାରତର ଉତ୍ତରରେ ସୁଉଚ୍ଚ ହିମାଳୟର ସୃଷ୍ଟି ହୋଇଛି। ଯଦି ପୂର୍ବରୁ ଆରମ୍ଭ ହୋଇଥିବା ମହାଦେଶଗୁଡିକର ମହାଭ୍ରମଣ ବର୍ତ୍ତମାନ ମଧ ଚାଲୁଅଛି, ତା'ହେଲେ ଭବିଷ୍ୟତରେ ରୂପରେଖ କ'ଣ ହେବ ବୋଲି ଚିନୁ ଜିଜ୍ଞାସା କଲା।

ଭୂବୈଜ୍ଞାନିକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ ମହାଦେଶଗୁଡିକର ମହାଭ୍ରମଣ ଭବିଷ୍ୟତରେ ମଧ ଜାରି ରହିବ। ଏପରି ଏକ ସମୟ ଆସିବ, ଯେବେ ଏସିଆ ଭୂଖଣ୍ଡ ଉତ୍ତର ଆମେରିକା ସହ ଧକ୍କା ଖାଇବ। ଭବିଷ୍ୟତର ମହାଭୂଖଣ୍ଡ ଆମେରିକା ଏବଂ ଏସିଆର ଧକ୍କାରୁ 'ଆମୋସିଆ' ହେବ ବୋଲି ଭୂବୈଜ୍ଞାନିକମାନେ ପରିକଳ୍ପନା କରିଥିବା କାକା ଉତ୍ତର ଦେଲେ। କାକାଙ୍କଠାରୁ ଉତ୍ତର ପାଇ ସାରିବା ପରେ ଚିନୁ ଭଲ ପାଠ ପଢ଼ି ମହାଦେଶଗୁଡିକ ପରି ସେ ମଧ ବିଭିନ୍ନ ମହାଦେଶକୁ ଭ୍ରମଣ କରିବାର ପ୍ରତିଜ୍ଞା ନେଲା।


– ଓଡ଼ିଶା ଶିକ୍ଷା ସେବା, ସହକାରୀ ପ୍ରଫେସର (ଭୂତତ୍ତ୍ୱ ବିଜ୍ଞାନ),
ସହକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ
ମୋ: ୯୯୬୭୩୪୦୪୦୪

ଆସ ଜାଣିବା

# ଅନ୍ତଃରାଷ୍ଟ୍ରୀୟ ଗୁପ୍ତଚର ସଂଗ୍ରହାଳୟ











ବିଶ୍ୱରେ ଅନେକ ପ୍ରକାରର ସଂଗ୍ରହାଳୟ ରହିଛି। ଏହି ସଂଗ୍ରହାଳୟରେ ସଂଗୃହୀତ ହୋଇ ରହୁଥିବା ଜିନିଷ ବହୁମାତ୍ରାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କେବଳ ସେତିକି ନୁହେଁ,ଏହି ବସ୍ତୁଗୁଡିକର ଇତିହାସ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ଜାଣିହୁଏ। ସେହିଭଳି ଏକ ବିରଳ ସଂଗ୍ରହାଳୟ ରହିଛି ୱାଶିଂଟନରେ। ଏହି ସଂଗ୍ରହାଳୟରେ ରହିଛି ପୃଥିବୀର ବିଭିନ୍ନ ଗୁପ୍ତଚର ସାମଗ୍ରୀ। ବିଭିନ୍ନ ସମୟରେ ଗୁପ୍ତଚରମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଲିପଷ୍ଟିକ ବନ୍ଧୁକ, ହିଡେନ କ୍ୟାମେରା, କ୍ୟାମେରାଯୁକ୍ତ ପାରା ଆଦି ଅଦ୍ଭୁତ ଜିନିଷ ସବୁ ଏଠାରେ ସଂଗୃହୀତ ହୋଇ ରହିଛି। ଏହା ବ୍ୟତୀତ ଏହି ମ୍ୟୁଜିୟମ୍‌ରେ ମଧ୍ୟ ରହିଛି ଏକ ଜାସୁସ ଖବରକାଗଜ ଯେଉଁଥିରେ ଲୁକ୍କାୟିତ ହୋଇ ରହିଛି ଦୁଇଟି ତୀର, ରହିଛି ମଧ୍ୟ ଏଭଳି ହତିଆର ଯାହାକୁ ଅନେକେ ଲାଇଟର, ଛତା ବା ସିଗାରେଟ ପ୍ୟାକେଟ ବୋଲି ଭାବିବାର ଭୁଲ୍ କରିବସନ୍ତି। ଏଠାରେ କେବଳ ଅଦ୍ଭୁତ ଜିନିଷ ସବୁ ସଂଗୃହୀତ ହୋଇ ରହିଛି ତାହା ନୁହେଁ ବରଂ ଗୋଇନ୍ଦାର ଇତିହାସ ତଥା କିଏ କିଭଳି ଭାବେ ଗୁପ୍ତଚର କାର୍ଯ୍ୟ କରିଥିଲେ ତାହାର ସମ୍ପୂର୍ଣ୍ଣ ଘଟଣାବଳୀ ଲିପିବଦ୍ଧ ହୋଇ ରହିଛି।












୧
ମନସ୍ୱିନୀ ସାହୁ
କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ


୨
ଆଦିତ୍ୟ କୁମାର ବେହେରା, କ୍ଲାସ-୭, ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ, ପଟିଆ, ଭୁବନେଶ୍ୱର


୩
ଆଦିତ୍ୟରାଜ ପଟ୍ଟନାୟକ
କ୍ଲାସ-୪, ଷ୍ଟୁଆର୍ଟ ସ୍କୁଲ, ୟୁନିଟ୍ -୮, ଭୁବନେଶ୍ୱର


୪
ଆରାଧ୍ୟା ମହାନ୍ତି
କ୍ଲାସ-ୟୁକେଜି, ବନହରପାଲୀ, ଝାରସୁଗୁଡା


୫
ବି .ସୌମ୍ୟ ସିଦ୍ଧାର୍ଥ
କ୍ଲାସ-୧,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋତା ପୋଖରୀ, କଟକ


୬
ମନିଷା ପାଢ଼ୀ
କ୍ଲାସ-୮,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ନରେନ୍ଦ୍ରପୁର, ଗଞ୍ଜାମ



୭
ନିକିତା ପ୍ରଧାନ
କ୍ଲାସ-୧, ଫ୍ୟୁଚର ଭୁବନେଶ୍ୱର ସ୍କୁଲ,ପ୍ରଶାନ୍ତିବିହାର, ଭୁବନେଶ୍ୱର


୮
ସୋମ୍ୟ ସୌଭିକ୍
କ୍ଲାସ-୨,ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ, ପଟିଆ, ଭୁବନେଶ୍ୱର


୯
ଚନ୍ଦ୍ରାଦିତ୍ୟ ସାହୁ
କ୍ଲାସ-୩, କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡା


୧୦
ଶୁଭଙ୍କର ପୃଷ୍ଟି
କ୍ଲାସ-୨,କେନ୍ଦ୍ରୀୟ ବିଦ୍ୟାଳୟ-୫, କଳିଙ୍ଗନଗର, ଭୁବନେଶ୍ୱର


୧





୨


୩



୪


୬


୮


୫


୭


୯


୧୦

## ଭଦଭଦଳିଆ



ଅତି ବିଖ୍ୟାତ ଏ ପକ୍ଷୀଟି ଜାଣ
ନାମ ଭଦଭଦଳିଆ,
ଦେଖିଦେଲେ ତାକୁ ସଫଳ ହୁଅଇ
କାମ ଥାଉ ପଛେ ଯାହା।
ଭରଦ୍ୱାଜ ତା’ ଅନ୍ୟ ନାମଟି
ଶୁଭର ବାର୍ତ୍ତାବହ,
ଘରୁ ବାହାରିଲେ ନଜର ପଡ଼ିଲେ
ଖୁସିର ସୁଅ ପ୍ରବାହ।
ନୀଳ ଆଉ ଧଳା ରଙ୍ଗ ଶରୀର
ଅତି ସୁନ୍ଦର ସିଏ,
ଖୁସିରେ ଉଚ୍ଛୁଳେ ମନଟି ତାହାର
ଯିଏ ତାକୁ ଦେଖିଦିଏ।
ପୁରାଣ କାହାଣୀ ତା’ ପଛରେ ଅଛି
ଦେବପକ୍ଷୀ ରୂପେ ଖ୍ୟାତ,
ବୃହସ୍ପତି ଓ ମମତା ମାତାର
ଔରସୁ ସିଏ ଜାତ।
କ୍ଷତି କରେ ନାହିଁ କେବେ ମଣିଷର
ତା’ ବାଟରେ ସିଏ ଥାଏ,
ଉଡ଼ି ଆକାଶରେ ବସି ଗଛ ଡାଳେ
ମନୋହର ରାବ ଦିଏ।
ଧନ୍ୟ କାରିଗର ତୁମେ ଈଶ୍ୱର
ଗଢ଼ିଛ ଯତନ କରି,
ସେ’ ଶୁଭପକ୍ଷୀକୁ ଦେଖିଦେଲେ ଥରେ
ନେଇଯାଏ ମନହରି।

**–ଅଧ୍ୟାପକ ବିଷ୍ଣୁମୋହନ**
ଏ/୫୮, କ୍ରିଷ୍ଣା ଗାର୍ଡେନ–୨, ଖଣ୍ଡଗିରି, ଭୁବନେଶ୍ୱର

## ପରଜାପତି




ପରଜାପତିରେ ପରଜାପତି
ଡେଣା ରଙ୍ଗ ତୋର ଜାତିକି ଜାତି।
ବାଡ଼ି ବଗିଚାର ଗଛରେ ଝୁଲୁ
ଫୁଲରୁ ଫୁଲକୁ ତୁ ଉଡ଼ିବୁଲୁ।
ସହଜରେ ତୁ ଧରା ନ ଦେଉ
ଧରା ପଡ଼ିଗଲେ ପ୍ରାଣ ହରାଉ।
ଶୁଁବାଳୁଆରୁ ଜାତ ତୋହର
ବିଷାକ୍ତ ଅଟଇ ଦେହ ତାହାର।
ହେଲେ, ପ୍ରଜାପତି ତୁ ମନୋହର
କରୁ ଉପକାର ପାଉ ଆଦର।
ଫୁଲରୁ ଶୋଷି କି ତୁ ମହୁ ପିଉ
ଅଜାଣତେ ଫୁଲ ରେଣୁ ତୁ ନେଉ।
ରେଣୁପାଇଁ ଫୁଲ ଫଳ ଧରଇ
ମଞ୍ଜିରୁ ଗଛର ବଂଶ ବଢ଼ଇ।
ଗଛ ବଂଶ ବୃଦ୍ଧିର ତୁ ମାଧ୍ୟମ
ତୋ’ ଜାତିର ରକ୍ଷା ଆମ ଧରମ।
ଗଛସଂଖ୍ୟା ବୃଦ୍ଧି ହେଲେ ଜଗତେ
ଶୁଦ୍ଧ ଅମ୍ଳଜାନ ପାଇବା ଯେତେ।
ଛୋଟ ପତଙ୍ଗ ତୁ ପରଜାପତି
ଜୀବ ହିତେ କାମ କରୁ ତୁ ନିତି।
ପାଠବହିରୁ ଜାଣି ତୋ’ କଥା
ଘୂରିଗଲା ପରା ମୋହର ମଥା।
ପିଲାବେଳେ ଛପି ଛପି ଧରିଛି
ଅଜାଣତେ କେତେ ଭୁଲ୍ କରିଛି।
ତୁ ଉପକାରୀ ବୋଲି ଜାଣିଲି
ତୋତେ ଧରିବିନି ମନେ ରଖିଲି।

**– ସବିତା ମଞ୍ଜରୀ ଦାଶ,** ୭ଡି/୧୩୧୦
ସେକ୍ଟର–୯, ସିଡିଏ, କଟକ–୧୪
ମୋ: ୯୪୩୭୭୪୪୧୦୦

**କବିତା**

## ପାର୍ଥକ୍ୟ ଦର୍ଶାଅ



## କହିଲ ଦେଖି





ଦୁନିଆରେ ଅଛି ଏମିତି ଫଳ
ଯିଏ ଖାଏ ତା’ର ମନ୍ଦ କପାଳ।
ପିଲାଏ ଖାଇଲେ କାନ୍ଦନ୍ତି ବସି,
ଯୁବତୀ ଯୁବକ ଖାଇଲେ ଉଠନ୍ତି ହସି।
ବୁଢ଼ାବୁଢ଼ୀ ଯଦି ଦିଅନ୍ତି ଖାଇ,
ବାପାଲୋ ବୋଉଲୋ କୁହନ୍ତି ସେହି।

**ଉ: କଟଡ଼ା ଖାଇବା**

ସବୁବେଳେ ମାଡ଼ ଖାଉଛି କିଏ,
ଢାଉଁ ଢାଉଁ କରି ଶବଦ ଦିଏ।
ଏଥିରେ ଗୋଟିଏ ରହସ୍ୟ ଅଛି,
ମାଡ଼ ସହି ଜଣେ କ୍ଷତି ସହୁଛି।
ମାଡ଼ ଦେଲା ବାଲା ମାରୁଛି ଲାଭ
ଜାଣିଥିଲେ ପିଲେ କୁହଗୋ ଆଗ।

**ଉ: ଢୋଲ**

ପାଣି ନ ପିଇ ସେ ପବନ ପିଏ,
ଭାତ ନ ଖାଇ ସେ ଗୋଇଠା ଖାଏ।
ପଡ଼ିଆ ମଝିରେ ଦଉଡୁ ଥାଏ
ଏମନ୍ତ ରୂପକୁ ଦେଖିଛ କିଏ ?

**ଉ: ଫୁଟବଲ**



ନୁହେଁ ବାଘ ସିଂହ ନୁହଁଇ ହାତୀ,
ଗିଳୁଛି ମଣିଷ କରୁଛି ବାନ୍ତି।
ହାତ ଅଛି ମଥା ନାହିଁ ତାହାର,
ତଥାପି ଲୋକଙ୍କୁ କରେ ଆହାର।

**ଉ: ଶାର୍ଟ**



ଏମିତି ସଂଖ୍ୟାଟେ କୁହରେ ବାୟା,
ମିଶାଇଲେ ଯାହା, ଶୁଣିଲେ ତାହା।
ଗୁଣଫଳ ଯଦି ଭାଗ କରିବ,
ସମାନ ଫଳଟି ତେବେ ପାଇବ।
ଏହି ନାମଟିକୁ କହିବ ଯିଏ,
ସୁନା ପିଲାଟିଏ ହୋଇବ ସିଏ।

**ଉ: ଦୁଇ (୨)**



**ଅଶୋକ ରାଉଳ**
ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

## ଏଥରର ପ୍ରଶ୍ନ



- ଥର୍ମୋମିଟର ଭିତରେ ଥିବା ତରଳ ପଦାର୍ଥକୁ କ’ଣ କୁହାଯାଏ ?
- ପେନ୍‌ସିଲ୍ ମଝିରେ ଥିବା କଳା ରଙ୍ଗର ଦଣ୍ଡ କେଉଁ ପଦାର୍ଥ ?
- ବାୟୁମଣ୍ଡଳରେ କେଉଁ ଗ୍ୟାସ୍‌ର ପରିମାଣ ସର୍ବାଧିକ ?
- କାହାକୁ ସକଳ ଶକ୍ତିର ଆଧାର ବୋଲି କୁହାଯାଏ ?
- ସୂର୍ଯ୍ୟ ରଶ୍ମିରେ କେଉଁ ଗ୍ୟାସ୍‌ର ପରିମାଣ ଅଧିକ ଥାଏ ?

## ଆରଥରର ଉତ୍ତର

- ୧୯୫୦ ମସିହା, ଜାନୁୟାରୀ ୨୬
- ଡ. ବି. ଆର୍ ଆମ୍ବେଡ଼କର
- ଗଣତନ୍ତ୍ର ଦିବସ/ ସାଧାରଣତନ୍ତ୍ର ଦିବସ
- ଡ. ଭୀମରାଓ ଆମ୍ବେଡ଼କର
- ଡ. ରାଜେନ୍ଦ୍ର ପ୍ରସାଦ

## ସୃଜନାତ୍ମକ କଳା







# ଜଣା ଅଜଣା




✲ କାଠହଣା ଚଢେଇ ଗୋଟିଏ ସେକେଣ୍ଡରେ ପ୍ରାୟ ୨୦ ଥର କାଠକୁ ନିଜ ଥଣ୍ଟ ସାହାଯ୍ୟରେ ହାଣିପାରେ।



✲ ମନୁଷ୍ୟ ପାଖାପାଖି ୩୦୦ ଖଣ୍ଡ ହାଡ଼ ସହିତ ଜନ୍ମ ହୋଇଥାଏ। କିନ୍ତୁ କାଳକ୍ରମେ ହାଡ଼ ସଂଖ୍ୟା ୨୦୬କୁ ହ୍ରାସ ପାଇଥାଏ।



✲ ପାଣ୍ଡାମାନେ ଖୁବ୍ ସମ୍ବେଦନଶୀଳ ପ୍ରାଣୀ। ମଣିଷଙ୍କ ଭଳି ଏମାନଙ୍କ ମନଦୁଃଖ ହେଲେ ଏକାନ୍ତରେ ବସିବାକୁ ପସନ୍ଦ କରନ୍ତି।



✲ ମାଛି ନିଜ ଗୋଡ ସାହାଯ୍ୟରେ ସ୍ୱାଦ ଚାଖିଥାଏ। ଏହାର ପାଦ ମନୁଷ୍ୟ ଜିଭଠାରୁ ପ୍ରାୟ ୧୦ ମିଲିୟନ ଗୁଣ ସମ୍ବେଦନଶୀଳ।



✲ ବ୍ରାଜିଲ ହେଉଛି ପୃଥିବୀର ସବୁଠାରୁ ଅଧିକ କମଳା ଉତ୍ପାଦନକାରୀ ଦେଶ। ବ୍ରାଜିଲ ପରେ ଫ୍ଲୋରିଡାରେ ଅଧିକ ସଂଖ୍ୟକ କମଳା ଉତ୍ପାଦନ କରାଯାଇଥାଏ।



✲ ପ୍ରଥମ କମ୍ପ୍ୟୁଟର ମାଉସ୍ କାଠରେ ନିର୍ମାଣ କରାଯାଇଥିଲା।

# ଆ
# ଇ
# ନା

ଅନନ୍ୟା
(୮ ବର୍ଷ)



ମଣ୍ଟୁ
(୧୨ ବର୍ଷ)



ଆୟେଶା
(୭ ବର୍ଷ)

